ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

ପତ୍ର ସଂଖ୍ୟା.....2881...../ତାରିଖ.....20-11-2026...../

ଘୋଷଣା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପାଟଣାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନରେ ଥିବା ନିମ୍ନଲିଖିତ ବନ୍ଧ/ ପୋଖରୀଗୁଡିକୁ ଆଗାମୀ ୨ ବର୍ଷ ୬ ମାସ ମାଛଚାଷ ପାଇଁ ଆସନ୍ତା ତା.୨୬.୧୧.୨୦୨୬ ରିଖ ଅପରାହ୍ନ ୧୧.୦୦ ଘଟିକା ସମୟରେ ପରିଷଦ ସଭା ଗୃହରେ ପ୍ରକାଶ୍ୟ ଭାବରେ ନିଲାମ ଆହୁତ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ପରିଷଦ କାର୍ଯ୍ୟାଳୟରୁ ଟ.୧୦୦୦/- (ଏକ ହଜାର ଟଙ୍କା) ମାତ୍ର ବିନିମୟରେ ମିଳୁଥିବା ଫର୍ମ ପୂରଣ କରି ତା' ସହିତ ରସିଦ ସଂଲଗ୍ନ କରି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ନିମ୍ନରେ ଦର୍ଶାଯାଇଥିବା ଅମାନତ ନଗଦ ଟଙ୍କା ଜମାକରି ନିଲାମରେ ଅଂଶ ଗ୍ରହଣ କରିପାରିବେ । ନିଲାମରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ନିଜର ପରିଚୟ ପତ୍ର ଓ କାର୍ଯ୍ୟାଳୟରୁ ଦେୟମୁକ୍ତ ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ଅଟେ । ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଟିକସ କିମ୍ବା ବନ୍ଧ/ପୋଖରୀ ନିଲାମର ବକେୟା ଥିବ ସେମାନେ ସମସ୍ତ ଟିକସ ଅର୍ଥ ପଇଠ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ ଏବଂ ପୂର୍ବରୁ ଯେଉଁମାନେ ବନ୍ଧ/ପୋଖରୀକୁ ନିଲାମରେ ନେଇ ଅର୍ଥ ପଇଠ କରିବାରେ ଖିଲାପ କରିଛନ୍ତି ସେମାନେ ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଉକ୍ତ ନିଲାମ ଡାକର ପୂର୍ବରୁ ଅର୍ଥାତ୍ ତା.୨୫.୧୧.୨୦୨୬ ରିଖ ମଧ୍ୟରେ ଦେୟମୁକ୍ତ ପ୍ରମାଣ ପତ୍ର କାର୍ଯ୍ୟାଳୟରୁ ଗ୍ରହଣ କରି ଓ ଅମାନତ ଟଙ୍କା ଜମାକରି ନିଲାମରେ ଅଂଶ ଗ୍ରହଣ କରିପାରିବେ । ଯେଉଁମାନେ ନିଲାମ ଡାକରେ ସଫଳ ହେବେ, ସେହି ବ୍ୟକ୍ତିକୁ ନିଲାମ ଡାକର ଶତକଡା ୫୦ % ଭାଗ ଅର୍ଥ ୭ (ସାତ) ଦିନ ମଧ୍ୟରେ ଜମା ଦେବାକୁ ପଡିବ । ଯଦି ଏହାର ଖିଲାପ କରିବେ, ତେବେ ଦ୍ୱିତୀୟ ନିଲାମ ଡାକିଥିବା ବ୍ୟକ୍ତିବିଶେଷଙ୍କୁ ସୁଯୋଗ ଦିଆଯିବ । ଏତଦ୍ ବ୍ୟତୀତ ନିଲାମ ଡାକରେ ସଫଳ ହୋଇଥିବା ବ୍ୟକ୍ତି ୧୫ ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତିନାମା କରିବେ । ନିମ୍ନସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ କରିପାରିବେ ।

କ୍ର.ନଂ	ବନ୍ଧ/ପୋଖରୀର ନାମ	ସମୟ ସୀମା	ଅମାନତ ଟଙ୍କା	ଧାର୍ଯ୍ୟ ମୂଲ୍ୟ
୧	ରାନୀସାଗର ବନ୍ଧ	ତା.୦୭.୧୨.୨୦୨୬ ରୁ ତା.୩୦.୦୬.୨୦୨୯ ପର୍ଯ୍ୟନ୍ତ	ଟ.୨୭,୧୨୭/-	ଟ.୨,୬୧,୨୭୦/-
୨	ହୀରାସାଗର ବନ୍ଧ	ତା.୦୭.୧୨.୨୦୨୬ ରୁ ତା.୩୦.୦୬.୨୦୨୯ ପର୍ଯ୍ୟନ୍ତ	ଟ.୩୬,୩୫୫/-	ଟ.୩,୬୩,୫୫୦/-

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

ଜ୍ଞାପକ ସଂଖ୍ୟା.....2882.....ତା.....20-11-2026...../

ଏହାର ଏକକିତା ନକଲ ଜମାଦାର, ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର କରିବା ପାଇଁ ପ୍ରଦାନ କରାଗଲା ଓ ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

ଜ୍ଞାପକ ସଂଖ୍ୟା.....2883...../ତା.....20-11-2026...../

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ପାଟଣାଗଡଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

ଜ୍ଞାପକ ସଂଖ୍ୟା.....2884....ତା.....20-11-2026...../

ଏହାର ଏକକିତା ନକଲ ଉପ-ନିର୍ଦ୍ଦେଶକ (ପ୍ରକାଶନ) ସୂଚନା ଓ ପ୍ରସାରଣ ବିଭାଗ, ଓଡିଶା ସରକାର, ଭୂବନେଶ୍ୱରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଦୁଇଗୋଟି ଦୈନିକ ଓଡିଆ ଖବର କାଗଜରେ ଏହି ଘୋଷଣାକୁ ଏକ ଦିନ ନିମନ୍ତେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

Ph No.-06658-222247, e-mail : nac_ptg@yahoo.co.in,

website-www.nacpatnagarh.in

ପତ୍ରସଂଖ୍ୟା...../ ତା...../

ଘୋଷଣା

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ ଅଧିନରେ ଥିବା ରାନୀସାଗର ଏବଂ ହୀରାସାଗର ବନ୍ଧରେ ମାଛଚାଷ ପାଇଁ ଆଗାମୀ ୨ ବର୍ଷ ୬ ମାସ ନିମନ୍ତେ ଆସନ୍ତା ତା.୨୬.୧୧.୨୦୨୬ ରିଖ ଅପରାହ୍ନ ୧୧.୦୦ ଘଟିକା ସମୟରେ ପରିଷଦ ସଭା ଗୃହରେ ପ୍ରକାଶ୍ୟ ଭାବରେ ନିଲାମ ଆହୁତ କରାଯିବ । ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ପରିଷଦର **website : www.nacpatnagarh.in** ରେ ଉପଲବ୍ଧ । ସବିଶେଷ ବିବରଣୀ ପାଇଁ ପରିଷଦ କାର୍ଯ୍ୟାଳୟ ସହିତ ମଧ୍ୟ ଯୋଗାଯୋଗ କରିପାରିବେ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

ଜ୍ଞାପକ ସଂଖ୍ୟା.୨୫୫୫./ତା.୨୬/୧୧/୨୦୨୬/

ଏହାର ଏକକିତା ନକଲ ଉପ-ନିର୍ଦ୍ଦେଶକ (ପ୍ରକାଶନ) ସୂଚନା ଓ ପ୍ରସାରଣ ବିଭାଗ, ଓଡିଶା ସରକାର, ଭୂବନେଶ୍ୱରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଦୁଇଗୋଟି ଓଡିଆ ଦୈନିକ ଖବର କାଗଜରେ ଏହି ଘୋଷଣାକୁ ଦିନକ ନିମନ୍ତେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ